# Akashvani, Sambalpur

## SAMBALPURI NEWS EVENING BULLETIN

## 1 May 2025- 7.02 pm- 7.12 pm.

**********************************************

୧- ନୂଆ ସୃଜନ, କଳା ଆଉ ସଂସ୍କୃତି ଜରିଏ ଭାରତ ଇହାଦେ ପୁର୍‌ଥିର୍ ସବୁ ଜାଗାକେ ପୁହୁଁଚି ପାରିଛେ - କହେଲେ ପ୍ରଧାନମନ୍ତ୍ରୀ ।

ମୁମ୍ବାଇ ନ ପହେଲା "ୱେଭସ୍-୨୦୨୫" ସମ୍ମିଳନୀକେ କଲେ ଉଦ୍‌ଘାଟନ ।

୨- ରାଜ୍ୟ ସରକାର ପ୍ରବାସୀ ଶ୍ରମିକ ମାନ୍‌କର୍ ଲାଗି ଖୁବ୍ ଜଲ୍‌ଦି ଆନ୍‌ବେ ନୂଆଁ ନୀତି । ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବ୍‌ସରେ କହେଲେ ମୁଖ୍ୟମନ୍ତ୍ରୀ ।

- ଲୋକାର୍ପଣ ହେଲା ଓଡ଼ିଆ ଶ୍ରମିକ ସାଥୀ ମୋବାଇଲ ଆପ୍ ।

୩- ସହରୀ ଇଲାକାର ଯୋଗ୍ୟ ହିତାଧିକାରୀମାନ୍‌କୁ ସରକାରୀ ଯୋଜନାଥି ଯୁଡ଼୍‌ବାର୍ ଲାଗି ଶୁଭାରମ୍ଭ ହେଲା ସହଯୋଗ କାର୍ଯ୍ୟକ୍ରମ ।

ଆଉର୍

୪- ରଥଯାତ୍ରାକେ ଶୃଙ୍ଖଲିତ ଭାବେ କର୍‌ବାର୍ ଲାଗି ପୁରୀ ନ ହେଇଛେ  ସମନ୍ୱୟ କମିଟିର ପହେଲା ବୈଠକ ।

-ଓ୍ୱେଭ୍ସ ସମ୍ମିଳନୀ

ଭାରତ୍ ସଫ୍ଟ ପାୱାର୍ କ୍ଷେତ୍ରଥି ସାରା ପୁର୍ଥି ନ ଅଲ୍ଗା ପରିଚୟ ତିଆର୍ କରିପାରିଛେ । ଇହାଦେ କ୍ରିଏଟ୍ ଇଣ୍ଡିଆ ସହେତେ କ୍ରିଏଟ୍ ଇନ୍ ୱାର୍ଲ୍ଡର ସମିଆ ଆସିଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ମୁମ୍ବାଇର୍ ଜିଓ ୱାର୍ଲ୍ଡ କନ୍ଭେନ୍ସନ୍ ସେଂଟରନ ଆଏଜ୍ ପହେଲା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଆଉ ମନୋରଞ୍ଜନ ଶିଖର ସମ୍ମିଳନୀ-ଓ୍ୱେଭ୍ସ-୨୦୨୫କେ ଉଦ୍‌ଘାଟନ୍ କରି କରି ପ୍ରଧାନମନ୍ତ୍ରୀ କହିଛନ୍, ଓ୍ୱେଭ୍ସ ଗୁଟେ ସଂକ୍ଷିପ୍ତ ଶବ୍ଦ ନୁହେ, ଇଟା ସଂସ୍କୃତି, ସୃଜନଶୀଲ୍ତା ଆଉ ସାର୍ବଜନୀନ୍ ସଂଯୋଗ୍‌ର ଗୁଟେ ଲହର ଆଏ । ଇହାଦେ ନୂଆସୃଜନ୍, ବିଷୟବସ୍ତୁ ଆଉ ସଂସ୍କୃତି ଜରିଏ ନାରଙ୍ଗୀ ଅର୍ଥନୀତିର୍ ଉଦୟ ହେଇଛେ । ଇତାର୍ ଜରିଏ ଭାରତର୍ କଳା, ସଂସ୍କୃତି ଆଉ ସିନ୍‌ମା ପୁର୍ଥିର୍ ଚାରିଆଡ଼େ ପୁହୁଁଚିପାରୁଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍....

(ଭଏସ୍ ଓଭର୍----- ପ୍ରଧାନମନ୍ତ୍ରୀ)

ପ୍ରଧାନମନ୍ତ୍ରୀ କହିଛନ୍, ଓ୍ୱେଭ୍ସ ଗୁଟେ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମ । ଇଟା କଳାକାର ଆଉ ସ୍ରଷ୍ଟାଙ୍କର୍ ନୂଆ ଚିନ୍ତାଧରାକେ ତହଁକାବା । ଶହେନୁ ଅଏତ୍କା ଦେଶର୍ କଳାକାର ନୂଆ ସୃଜନକାରୀ, ନିବେଶକ ଆଉ ନୀତି ନିର୍ଦ୍ଧାରକମାନେ ଗୁଟେ ଠାନେ ଜମା

ହେଇଥିବାର୍‌ନୁ ଇ ସମ୍ମିଳନୀ ସାରା ପୁର୍‌ଥିର୍ ଦୃଷ୍ଟି ଆକର୍ଷଣ କରୁଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍----- ପ୍ରଧାନମନ୍ତ୍ରୀ)

ଦେଶ୍ ଆଏଜ୍ ଚଳଚ୍ଚିତ୍ର ନିର୍ମାଣ, ଡିଜିଟାଲ୍ ବିଷୟବସ୍ତୁ, ଗେମିଂ, ଫ୍ୟାସନ୍, ସଙ୍ଗୀତ ଆଉ ଲାଇଭ୍ କନ୍‌ସର୍ଟ କ୍ଷେତ୍ରଥି ଗୁଟେ ବିଶ୍ୱସ୍ତରୀୟ ହବ୍  ହେଉଛେ ବଲି ଶ୍ରୀ ମୋଦୀ କହିଛନ୍ । ୱେଭ୍‌ସ ସମ୍ମିଳନୀ ଆଏବା ୪ ତାରିଖ୍ ତକ୍ ଚାଲ୍‌ବା । ଇଥି ଭିନ୍ ଭିନ୍ ଅଧିବେଶନ୍‌ଥି ପ୍ରଦର୍ଶନୀ ସଙ୍ଗେ କଲା, ସଙ୍ଗୀତ୍, ନୂଆସୃଜନ୍ ଜରିଏ ଦେଶର୍ ଐତିହ୍ୟ ଆଉ ବିଶ୍ୱ ଏକତାର ପ୍ରଦର୍ଶନ୍ କରାଯିବା ।

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେଇକରି ଇ ଶିଖର ସମ୍ମିଳନୀ ନିର୍ମାତାମାନଙ୍କୁ ବିଶ୍ୱସ୍ତରୀୟ ମଚାନ୍ ଯୁଗେଇ ଦେବାର୍ ସହେତେ ନୂଆ ଜ୍ଞାନ୍‌କୌଶଲ୍ ବାବ୍‌ଦେ ବହୁତ୍ କିଛି ଶିଖାବା ବଲି କହିଛନ୍ । ୪ ଶହ କୋଟି ଟଙ୍କା ଖର୍ଚ୍ଚାଥି ମୁମ୍ବାଇ ନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି ଥାପ୍‌ନା କରାଯିବା ଆଉ ବିଶ୍ୱ ସୃଜନଶୀଲ୍ ଇକୋ ସିଷ୍ଟମ୍‌ଥି ଇଟା ବଡ଼ଟେ ଭୂମିକା ନେବା ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ଶ୍ରମିକ ଦିବସ

ରାଷ୍ଟ୍ରର୍ ସମୃଦ୍ଧି ଆଉ ସାମଗ୍ରିକ୍ ବିକାଶଥି ଶ୍ରମିକ୍‌ମାନଙ୍କର ଶ୍ରମ, ନିଷ୍ଠା ଆଉ ପ୍ରତିବଦ୍ଧତାକେ ସମ୍ମାନ୍ ଜନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ଶ୍ରମ ଦିବସ୍ । ରାଷ୍ଟ୍ର ନିର୍ମାଣ୍‌ଥି ସେମାନଙ୍କର ଭୂମିକାକେ ଗୁରୁତ୍ୱ ଦେବାର୍‌ଟା ହଉଛେ ଇ ଦିବସ୍ ପାଲନ୍‌ର ମୁଖିଆ ଉଦ୍ଦେଶ୍ୟ ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ୍‌ଠାନେ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ୍ ସମାରୋହ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇ କରି ଭିନ୍ ଭିନ୍ କଲ୍ୟାଣ ବୋର୍ଡ ଜରିଏ ଶ୍ରମିକମାନଙ୍କୁ ୫୦ କୋଟିନୁ ଅଏତ୍‌କା ଟଙ୍କାର ସାହାଜ୍ ବାଁଟ୍‌ବାର ସହେତେ ଓଡ଼ିଆ ଶ୍ରମିକ ସାଥୀ ମୋବାଇଲ୍ ଆପ୍‌ର ଲୋକାର୍ପଣ କରିଛନ୍ । ଇତାର୍ ସହେତେ ଭୁବନେଶ୍ୱର ଡୁମ୍‌ଡୁମା ଆଉ କଳ୍ପନାଠାନେ ଦୁଇଟା ଶ୍ରମିକ ପ୍ରତୀକ୍ଷା କେନ୍ଦ୍ରର୍ ଭିଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକାର୍ପଣ କରିଛନ୍ ।  ସେନ୍ତା ପ୍ରବାସୀ ଶ୍ରମିକମାନଙ୍କର ସମସ୍ୟାର୍ ସମାଧାନ୍ ଲାଗି ରାଜ୍ୟ ସରକାର ଖୋବ୍ ଜଲ୍‌ଦି ନୂଆ ନୀତି ଆବ୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-----ମୁଖ୍ୟମନ୍ତ୍ରୀ)

## ବାଣିଜ୍ୟିକ ଗ୍ୟାସ୍ ଦର ହ୍ରାସ ଏନ୍ଏସ୍ଡି

ତୈଳ ବିପଣନ କମ୍ପାନୀମାନେ ଆଏଜ୍ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ଦାମ୍ କମ୍ କରିଛନ୍ । ସିଲିଣ୍ଡର ପିଛା ୧୪ ଟଙ୍କା ୫୦ ପଇସାନୁ ୧୭ ଟଙ୍କା ତକ୍ ଗ୍ୟାସ୍ ଦର୍ କମ୍ କରାଯାଇଛେ । ହେଲେ ଘରୋଇ ଗ୍ୟାସ୍ ସିଲିଣ୍ଡର ଦର୍ଥି କିଛି ପରିବର୍ତ୍ତନ କରା ନାଇ ଯାଇ ।

## ସହଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ I&PR

ରାଜ୍ୟର ସହରୀ ଇଲାକାର ଯୋଗ୍ୟ ହିତାଧିକାରୀମାନ୍‌କୁ ସରକାରୀ ଯୋଜନା ମାନ୍‌କର୍ ସଙ୍ଗେ ଯୁଡ଼୍‌ବାର୍ ଲାଗି ରାଜ୍ୟ ସରକାରଙ୍କର୍ ତରଫୁ ଆଏଜ୍ "ସହଯୋଗ" କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛେ । ଗୃହ ନିର୍ମାଣ ଆଉ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ ଯୋଜନାଥି ପହେଲା ଖେପେ ଆଏଜ୍ ଠାନୁ ଜୁନ୍ ୩୦ ତାରିଖ୍ ତକ୍ ସହରୀ ଇଲାକା ନ ଘର୍‌କେ ଘର୍ ସର୍ବେକ୍ଷଣ କରାଯାଇ କରି ଯୋଗ୍ୟ ହିତାଧିକାରୀମାନ୍‌କୁ ଭିନ୍ ଭିନ୍ ସରକାରୀ ଯୋଜନାଥି ସାମିଲ୍ କରାଯିବା । ଆଗ୍‌କେ ସହଯୋଗ ଆପ୍ ତିଆର୍ କରାଯାଇ କରି ଗାଁ

ଇଲାକାର୍ ଲୁକ୍‌କୁ ଭିଲ୍ ଇତାର୍ ଲାଭ ପୁହୁଁଚା ଯିବା ବଲି ମନ୍ତ୍ରୀ କହିଛନ୍ ।

ରଥଯାତ୍ରା ପ୍ରସ୍ତୁତି ବୈଠକ                                    ପୁରୀ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ ପାଲନ୍ କର୍‌ବାର ଲାଗି କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରଙ୍କ ଅଧ୍ୟକ୍ଷତାଥି ପହେଲା ସମନ୍ୱୟ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଶୃଙ୍ଖଲିତ୍ ନୀତି, ଭିଡ଼୍ ଆଇତ୍ ସହେତେ ବିଭାଗ୍ ମାନ୍‌କର୍ କାମ୍ ବାବ୍‌ଦେ ବହୁତ୍‌ଟେ ନିଷ୍ପତି ନିଆଯାଇଛେ । ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ କର୍‌ବାର ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ରଥ ଯାତ୍ରା ୨୦୦ନୁ ଅଏତ୍‌କା ଟ୍ରେନ୍ ଚଳାଚଳ କର୍‌ବା ବଲି ବୈଠକ୍‌ଥି ସୂଚ୍‌ନା ଦିଆଯାଇଛେ । ସେନ୍ତା ରଥ ତିଆରି ଲାଗି ରଥଖଲା ଆଉ କରତ୍ ମିଲ୍‌କେ ଆବଶ୍ୟକ୍ କାଠ୍ ନାଇ ପୁହୁଁଚି ପାରିଥିବାର୍‌ନୁ ଇ ଦିଗେ ତୁର୍‌ତି ପଦକ୍ଷେପ୍ ନେବାର୍‌କେ ଆଲୋଚନା କରାଯାଇଥିଲା ।

ରଥ ନିର୍ମାଣ                                    ପୁରୀ ସମ୍ବାଦଦାତା

ପବିତ୍ର ଅକ୍ଷୟ ତୃତୀୟା ଅବ୍‌ସରେ ଗଲା କାଏଲ୍ ରଥଖଳାନ ରଥ ତିଆର୍ ଅନୁକୂଲ୍ ହେବାର୍ ଉତ୍‌ରୁ ଆଏଜ୍‌ଠାନୁ ବିଧିବଦ୍ଧ ଭାବେ ରଥ୍ ତିଆରି କାମ୍ ମୁଲ୍ ହେଇଛେ । ପରମ୍ପରା ଅନ୍‌ସାରେ ଆଏଜ୍ ରଥ ତିଆର୍ କର୍‌ବାର ଲାଗି ଭୋଇ ସେବକମାନେ ପହେଲା ଦରକାରୀ କାଠ୍ ପୁହୁଁଚେଇ ଥିଲେ । ତାର୍ ଉତ୍‌ରୁ କର୍‌ତି ସେବକ୍‌ମାନେ ତୁମ୍ବ ତିଆର୍ ଲାଗି ଫାଶୀ କାଠ୍ ଚିରଟ୍ ମୁଲ୍ କରିଥିଲେ । ପହେଲା ଦିନେ ଆଏଜ୍ ତିନ୍‌ହି ରଥ୍ ଲାଗି ୩ଟା ତୁମ୍ବ କଟାଯାଇଥିଲା ବେଲ୍‌କେ ୪୨ଟା ଚକା ଲାଗି ତୁମ୍ବ ତିଆରି କାମ୍ ମୁଲ୍ ହେଇଛେ ।

ଭିତରକନିକା ବନ୍ଦ                                    ହି.ସ.

କେନ୍ଦ୍ରାପଡ଼ା ଭିତରକନିକା ଜାତୀୟ ଉଦ୍ୟାନ ଆଏଜ୍ ଠାନୁ ପର୍ଯ୍ୟଟକ ମାନ୍‌କର୍ ଲାଗି ବନ୍ଦ କରାଯାଇଛେ । କୁମ୍ଭୀର ପ୍ରଜନନ ଋତୁ ମୂଲ୍ ହେଉଥିବାର୍‌ନୁ ରାଜ୍‌ନଗର ବନଖଣ୍ଡ ତର୍‌ଫୁଁ ଜୁଲାଇ ୩୧ ତାରିଖ୍ ତକ୍ ଉଦ୍ୟାନ୍‌କେ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ବନ୍ଦ ରଖିବାର୍ ଲାଗି ନିଷ୍ପତି ନିଆଯାଇଛେ ।

ଶ୍ରମିକ ଦିବସ

ସମ୍ବଲପୁର/ ସୁବର୍ଣ୍ଣପୁର/ ବଲାଙ୍ଗୀର/

ଦେବଗଡ଼/ ନୂଆପଡ଼ା/

ବୌଦ୍ଧ ସମ୍ବାଦଦାତା

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟ ଠାନେ ଜିଲ୍ଲାପ୍ରଶାସନ ତରଫୁ ଶ୍ରମିକ ଦିବସ ପାଲିତ ହେଇଯାଇଛେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦରଙ୍କର ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମଥି ରେଙ୍ଗାଲିର ଆଘର ବିଧାୟକ ନାଉରୀ ନାୟକ ଯୋଗ ଦେଇ କରି ଶ୍ରମିକ୍ ମାନ୍‌କର୍ ଅଧିକାର ଆଉ ସେମାନ୍‌କର ଲାଗି ଥିବା ସରକାରୀ ଯୋଜନା ବାବ୍‌ଦେ କହିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲାର ଭିନ୍ ଭିନ୍ ଜାଗାନ ଆଏଜ୍ ଅନ୍ତର୍ଜାତୀୟ ଶ୍ରମିକ ଦିବସ୍ ପାଳିତ୍ ହେଇଛେ । ଶ୍ରମିକ୍ ସଙ୍ଗଠନ୍‌ମାନଙ୍କର ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ମାନ୍‌କେ ଶ୍ରମଜୀବୀ ଆଉ ନିର୍ମାଣ ଶ୍ରମିକଙ୍କର୍ କର୍ମକ୍ଷେତ୍ରନ ସୁସ୍ଥତା ଆଉ ନିରାପତା ଉପ୍‌ରେ ଗୁରତ୍ୱ ଦେବାର୍‌କେ ଆଲୋଚନା କରାଯାଇଥିଲା । ସୁବର୍ଣ୍ଣପୁର ଟାଉନ୍‌ହଲ୍‌ଠାନେ ପ୍ରଶାସନ୍ ତର୍‌ଫୁ ହେଇଥିବା ଶ୍ରମିକ୍ ଦିବସ୍ ସମାରୋହଥି ମୁଖ୍ୟ ଅତିଥି ଭାବେ ସାଂସଦ୍ ସଙ୍ଗୀତା କୁମାରୀ ସିଂହଦେଓ ଯୋଗ୍ ଦେଇକରି ୬ ଶହ ୬ ଝନ୍ ଶ୍ରମିକଙ୍କୁ ଭିନ୍ ଭିନ୍ ଯୋଜ୍‌ନାଥି ୩ କୋଟିନୁ ଅଏତ୍‌କା ଟଙ୍କାର୍ ଆର୍ଥିକ୍ ସାହାଜ୍ ଆଉ ନିର୍ମାଣ ଉପକରଣ ବାଂଟିଛନ୍ ।

ବଲାଙ୍ଗୀର କଲେଜ ଛକ୍ କଲ୍ୟାଣ ମଣ୍ଡପ୍ଠାନେ ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ୍ ଦେଇ କରି  ଜିଲ୍ଲାର୍ ପଞ୍ଜିକୃତ ଶ୍ରମିକମାନଙ୍କୁ ଭିନ୍ ଭିନ୍ ସର୍କାରୀ ଯୋଜ୍ନାଥି ୪୨ ଲାଖ୍ ଟଙ୍କାର୍ ସାହାଜ୍ ଚେକ୍ ବାଂଟିଛନ୍ ।

ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାନେ ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଲିତ ହେଇଯାଇଛେ । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କର ସଭାପତିତ୍ୱଥି ମୁଖ୍ୟଅତିଥି ଭାବେ ବିଧାୟକ ରୋମାଂଚ ରଂଜନ ବିଶ୍ୱାଳ ଯୋଗ ଦେଇ କରି ଜିଲ୍ଲାର ପଞ୍ଜୀକୃତ ଶ୍ରମିକମାନ୍କୁ ଭିନ୍ ଭିନ୍ ଯୋଜନାଥି ୧ କୋଟି ୫୬ ଲାଖ୍ନୁ ଅଏତ୍କା ଟଁକା ଆର୍ଥିକ ସାହାୟ୍ ବାଁଟିଛନ୍ ।

ନୂଆପଡ଼ା କଲ୍ୟାଣ ମଣ୍ଡପ ଠାନେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କର ସଭାପତିତ୍ୱଥି ଶ୍ରମିକ ଦିବସ କାର୍ଯ୍ୟକ୍ରମ ହେଇଯାଇଛେ । ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗ ଦେଇ କରି ଶ୍ରମିକ କଲ୍ୟାଣ ଯୋଜନା ମାନ୍କର୍ ବାବ୍ଦେ କହିଥିଲେ ।

ବୌଦ୍ଧ ଟାଉନ୍ ହଲ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମକେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଂଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇ କରି ସରକାରଙ୍କର୍ ଶ୍ରମିକ

କଲ୍ୟାଣ ଯୋଜନା ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ହିତାଧିକାରୀ ଶ୍ରମିକ୍‌ମାନ୍‌କୁ ସାହାଯ୍ ବଁଟା ଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ବଡ଼୍‌ଭାଗୀ ଜାଗାନ ଧୁକା ଗର୍ଡି ଆର୍ ଘଡ଼୍‌ଘଡ଼ି ସାଙ୍ଗେ ହାଲ୍‌କାନୁ ମଧ୍ୟମ ବର୍ଷା ହେଇପାରେ । ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ସହେତେ ୧୬ଟା ଜିଲ୍ଲାନ ଜବର ଧୁକା ଗର୍ଡି ସହେତେ ଚଡ଼୍‌କ ମାରିପାରେ ବଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛେ । କାଲବୈଶାଖୀର ବଲେ ରାଜ୍ୟର ସବୁ ଇଲାକାନ ଖରା ଆର୍ ଗରମ୍ କମିଛେ । ଆଏବା ଚାଏର୍ ଦିନ୍ ତକ୍ ପାଗ୍ ଏନ୍‌ତା ଲାଗି ରହେବା ବଲି ପାଣିପାଗ କେନ୍ଦ୍ର ଅନୁମାନ କରିଛେ ।